୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

Vol.27. No.78 Bhubaneswar Saturday May 03 2025 | ୨୭ତମ ବର୍ଷ ସଂଖ୍ୟା-୭୮ ଭୁବନେଶ୍ୱର, ଶନିବାର, ମଇ ୦୩, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) | Member-INS

## ମୋହନ ସରକାରଙ୍କ ବର୍ଷପୂର୍ତ୍ତି: ଚାଲିଛି ସଫଳତାର ଦସ୍ତାବିଜ ସଂକଳନ, କେତେ ସଫଳ-କ'ଣ ରହିଛି ବିବାଦ ଓ ଚ୍ୟାଲେଞ୍ଜ



ଭୁବନେଶ୍ୱର, ୨ ।୫(ପି.ଏନ): ବିଜେଡିର ୨୪ବର୍ଷର ସରକାରକୁ ଶକ୍ତ ଝଟକା ଦେଇ ବିଜେପି ଅପ୍ରତ୍ୟାଶିତ ଢଙ୍ଗରେ ରାଜ୍ୟରେ ନିଜସ୍ୱ ଦମରେ ପ୍ରଥମଥର ପାଇଁ ସରକାର ଗଠନ କରିଛି । ୨୦୨୪ ଜୁନ୍ ୧୨ରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଗଠନ କରି ବିଜେପି ସମସ୍ତଙ୍କୁ ଚକିତ କରିଥିଲା । ଇତିମଧ୍ୟରେ ମୋହନ ସରକାର ନିଜର ପ୍ରଥମବର୍ଷ ପୂର୍ତ୍ତି ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ନିଷ୍ପତ୍ତି ହୋଇଛି । ଏହା ସରକାରୀ ବିଭାଗଗୁଡିକର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଓ ସଫଳତାର ଦସ୍ତାବିଜକୁ ଆକ୍ସନପ୍ଲାନ ଆକାରରେ ସଂକଳନ କରିବେ । ବିଭାଗଗୁଡିକ ମଧ୍ୟ ନିଜନିଜସ୍ତରରେ ଏହି ବର୍ଷପୂର୍ତ୍ତି ପାଇଁ ଆକ୍ସନପ୍ଲାନ ପ୍ରସ୍ତୁତ କରିବେ । ଏପଟେ ବିଜେପି ନିଜର ସରକାରର ଏକବର୍ଷର କାର୍ଯ୍ୟକୁ ଐତିହାସିକ ଓ ଯୁଗାନ୍ତକାରୀ ବୋଲି କହିଥିବାବେଳେ ମୁଖ୍ୟବିରୋଧୀ ବିଜେଡି ଏହାକୁ 'ରଙ୍ଗବୋଲା ଓ ବିଫଳ ସରକାର' କହିଛି । କଂଗ୍ରେସ ମଧ୍ୟ ବିଜେପି ସରକାର ନିଜର କାର୍ଯ୍ୟକୁ ନେଇ ଏକ ଶ୍ୱେତପତ୍ର ଆଣନ୍ତୁ ବୋଲି ଦାବି କରିଛି । ତେବେ ଏହି ପ୍ରଥମ ବର୍ଷରେ ମୋହନ ସରକାର କେତେ ସଫଳ ହୋଇଛନ୍ତି ଓ ସରକାରଙ୍କ ଆଗରେ କ'ଣ ସବୁ ଚ୍ୟାଲେଞ୍ଜ ରହିଛି ତାକୁ ନେଇ 'ଓଡିଶା ରିପୋର୍ଟର'ର ଏକ ସ୍ୱତନ୍ତ୍ର ରିପୋର୍ଟ...

**ଯୋଜନାର ନାଁ ପରିବର୍ତ୍ତନ ଓ ନୂଆ ଯୋଜନା କାର୍ଯ୍ୟାନ୍ୱୟନ**

ବିଜେଡି ସରକାରରେ ବିଜୁ ପଟ୍ଟନାୟକ ଓ ନବୀନଙ୍କ ନାଁରେ କାର୍ଯ୍ୟକାରୀ ହେଉଥିବା ୨୧ଟି 'ଯୋଜନା ଓ କାର୍ଯ୍ୟକ୍ରମର' ନାଁକୁ ମୋହନ ମାଝୀ ସରକାର ପରିବର୍ତ୍ତନ କରିଛନ୍ତି । ଆଉ ବର୍ଷକ ମଧ୍ୟରେ ୨ଟି ପୂର୍ଣ୍ଣାଙ୍ଗ ବଜେଟ (୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷର)କୁ ବିଧାନସଭାରେ ଉପସ୍ଥାପିତ କରିବାରେ ସକ୍ଷମ ହୋଇଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷରେ ୧୬ଟି ନୂଆ ଯୋଜନା ଏବଂ ୨୦୨୪-୨୫ ବଜେଟରେ ୧୯ଟି ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି । ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରି ମହିଳାଙ୍କୁ ସୁଭଦ୍ରା ଯୋଜନାରେ ହାତଖର୍ଚ୍ଚ ପ୍ରଦାନ ଓ ଚାଷୀଙ୍କୁ ଧାନ କ୍ୱିଂଟାଲ ପିଛା ୮୦୦ଟଙ୍କା ପ୍ରଦାନ ମଧ୍ୟ କରିଛନ୍ତି । ଯଦିଓ ୨ବର୍ଷରେ ୫୦ହଜାର ଟଙ୍କା ପ୍ରତ୍ୟେକ ମହିଳାଙ୍କୁ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଏହି ଟଙ୍କା ୫ବର୍ଷରେ ଦେବାକୁ ଗାଇଡଲାଇନ୍ ଜାରି କରିଛନ୍ତି ।

## ଜଗନ୍ନାଥଙ୍କୁ ନେଇ କାର୍ଟୁନ ଏବେ ସୋସିଆଲ ମିଡିଆରେ ଭାଇରାଲ , ଅସନ୍ତୋଷ ପ୍ରକାଶ କଲେ ଜଗନ୍ନାଥ ପ୍ରେମୀ



ଭୁବନେଶ୍ୱର, ୨ ।୫(ପି.ଏନ): ଦୀଘାରେ ମମତା ବାନାର୍ଜୀ ପ୍ରତିଷ୍ଠା କରିଥିବା ଜଗନ୍ନାଥ ମନ୍ଦିରକୁ ନେଇ ବିବାଦ । ଜଗନ୍ନାଥ ଧାମ ନାମିତ କରିବା ନେଇ ବିବାଦ ମଧ୍ୟରେ ପୁଣି ଏକ ନୂଆ ବିବାଦ ମୁଣ୍ଡ ଟେକିଛି । ଜଗନ୍ନାଥଙ୍କୁ ନେଇ ହୋଇଥିବା କାର୍ଟୁନ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଏହି କାର୍ଟୁନଟି କିଏ ଆଙ୍କିଛି ତାର ତଥ୍ୟ ଜଣାପଡ଼ିନାହିଁ । କାର୍ଟୁନରେ ବଙ୍ଗଳା ଭାଷାରେ ଲେଖାଯାଇଥିବାରୁ ପଶ୍ଚିମବଙ୍ଗର କେହି ଆଙ୍କିଥିବା ଅନୁମାନ କରାଯାଇଛି । କାର୍ଟୁନରେ ଦେଖାଯାଇଛି ମମତା ବାନାର୍ଜୀ ଶ୍ରୀଜଗନ୍ନାଥଙ୍କୁ ହାତ ଧରି ପୁରୀରୁ ଟାଣିଟାଣି ନେଇ ଯାଉଛନ୍ତି । କହୁଛନ୍ତି 'ଚାଲ, ଏଖୁନୀ ଦିଘାୟ ଚାଲ୍' ସେପଟେ ପ୍ରତ୍ୟୁତ୍ତରରେ ଶ୍ରୀଜଗନ୍ନାଥ କହୁଛନ୍ତି,' ପ୍ଲିଜ୍ ଆମାକେ କ୍ଷମା କରେ ଦାଓ ପ୍ଲିଜ୍ । ସେହି କାର୍ଟୁନରେ ତଳେ ଲେଖାଯାଇଛି 'ସାରା ଜୀବନ୍ ମାସିର୍ ବାଡି ତେଇ ଗେଲି, ଏବାର ପିସିର୍ ବାଡି ଥାକବି ଚଲ' ଅର୍ଥାତ ସାରା ଜୀବନ କେବଳ ମାଉସୀ ଘରକୁ ଗଲ, ଏବେ ପିଉସୀ ଘରେ ରହିବ ଚାଲ । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି କାର୍ଟୁନକୁ ନେଇ ସାରା ଓଡ଼ିଶାରେ ଏବେ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଜଗନ୍ନାଥ ପ୍ରେମୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ଉଠା ଦୋକାନରେ ଚାଲିଲା ବୁଲଡୋଜର, ୨୦ରୁ ଅଧିକ ଦୋକାନୀ



ଭୁବନେଶ୍ୱର,ଭୁବନେଶ୍ୱର, ୨ ।୫(ପିଏନ): ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶ୍ରୀବିହାରର ରାସ୍ତା କଡରେ ଦୀର୍ଘ ବର୍ଷ ଧରି ଥିବା ଉଠା ଦୋକାନ ଉଚ୍ଛେଦ । ଗେଲ ଇଣ୍ଡିଆକୁ ଜାଗା ଦେବା ପାଇଁ ବିଡିଏ ବୁଲଡୋଜର ଲଗାଇ ଭାଙ୍ଗିଦେଲା ବୋଲି ଅଭିଯୋଗ ହୋଇଛି । ପୂର୍ବରୁ ବିଏମସି ତରଫରୁ ଦୋକାନୀମାନଙ୍କୁ ଅନ୍ୟତ୍ର ଜାଗା ଦେବା ପାଇଁ ଲିଖିତ ପତିଶ୍ରୁତି ମିଳିଥିଲା । ହେଲେ ବିଡିଏ କିଛି ନ ଶୁଣି ଦୋକାନ ଭାଙ୍ଗି ଦେଇଛି ବୋଲି ଅଭିଯୋଗ କରିଛନ୍ତି ଦୋକାନୀମାନେ । ବହୁ ବର୍ଷ ଧରି ଚନ୍ଦ୍ରଶେଖର ପୁର ଶ୍ରୀ ବିହାର ରାସ୍ତା କଡରେ ଦୋକାନ କରି ପରିବାର ଚଳାଉଥିଲେ ୨୦ରୁ ଉର୍ଦ୍ଧ ପରିବାର । ହେଲେ ବିଡିଏ ହଠାତ ଦୋକାନ ଭାଙ୍ଗି ଦେବା ଫଳରେ ବେସାହାରା ହୋଇ ରାସ୍ତାରେ ବସିଛନ୍ତି ଲୋକେ ।

## ମାଟ୍ରିକ୍ ପାସ୍‌ହାର: ଗଜପତି ଜିଲ୍ଲା ୧-ନଂ, ସବାତଳେ କୋରାପୁଟ

ଭୁବନେଶ୍ୱର, ୨ ।୫(ପି.ଏନ): ଆଜି ପ୍ରକାଶ ପାଇଛି ମାଟ୍ରିକ୍ ରେଜଲ୍ଟ । କଟକ ବୋର୍ଡ ଅଫିସରେ ଗଣଶିକ୍ଷାମନ୍ତ୍ରୀ ରେଜଲ୍ଟ ପୁସ୍ତକ ଉନ୍ମୋଚନ କରିଛନ୍ତି । ତେବେ ଚଳିତ ବର୍ଷ ପାସ୍ ହାର ୯୪.୯୩% ଥିଲାବେଳେ, ୧୭ ହଜାର ୩୮୪ ଜଣ ଫେଲ୍ ହୋଇଛନ୍ତି ।

ପୁଅଙ୍କ ତୁଳନାରେ ଝିଅଙ୍କ ପାସ୍‌ହାର ଅଧିକ ରହିଛି । ଚଳିତ ବର୍ଷ ୨ ଲକ୍ଷ ୪୦ ହଜାର ୨୫୧ ପୁଅ କୃତକାର୍ଯ୍ୟ ହୋଇଛନ୍ତି । ଏଥିରେ ୨ ଲକ୍ଷ ୪୪ ହଜାର ୬୧୨ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି ।

ପୁଅଙ୍କ ପାସ୍‌ହାର ୯୪% ଓ ଝିଅଙ୍କ ପାସହାର ୯୬% ରହିଛି । ଏଥିସହ ଗଜପତି ଜିଲ୍ଲାରେ ପାସହାର ସର୍ବାଧିକ ରହିଥିବା ବେଳେ କୋରାପୁଟରେ ସର୍ବନିମ୍ନ ପାସ୍‌ହାର ରହିଛି ।

## ପହଲଗାମ ନରସଂହାର ପଛରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା!

ଭୁବନେଶ୍ୱର, ୨ ।୫(ପି.ଏନ): ପହଲଗାମ ନରସଂହାରକୁ ୧୦ ଦିନ ବିତି ସାରିଲାଣି । ସାଧାରଣ ପର୍ଯ୍ୟଟକମାନେ ପ୍ରକୃତିର ସୌନ୍ଦର୍ଯ୍ୟକୁ ପହଲଗାମର ବୈସାନର ଭ୍ୟାଲିରେ ଉପଭୋଗ କରୁଥିବା ବେଳେ ସେମାନଙ୍କୁ ୪ ଜଣ ଆତଙ୍କବାଦୀ ଗୁଳି କରିଥିଲେ । ଏଥିରେ ୨୫ ଜଣ ପର୍ଯ୍ୟଟକ ଓ ସେମାନଙ୍କୁ ରକ୍ଷା କରିବାକୁ ଯାଇ ଜଣେ ସ୍ଥାନୀୟ ଘୋଡା ବାଲା ଆତଙ୍କବାଦୀଙ୍କ ଗୁଳିରେ ଆଖି ବୁଜିଥିଲେ । ଆତଙ୍କବାଦୀ ଆକ୍ରମଣ ପାକିସ୍ତାନ ପ୍ରାୟୋଜିତ ବୋଲି ଭାରତ କହି ଆସୁଥିବା ବେଳେ ଏହାକୁ ଇସଲାମାବାଦ ଖଣ୍ଡନ କରିଛି ।

## ଖଣି ଅଧିକାରୀଙ୍କୁ ଆକ୍ରମଣ: ଗାଡି ଅଟକାଇ ନିସ୍ତୁକ ମାଡ ମାରିଲେ, ଡ୍ରାଇଭରଙ୍କୁ ବି ଛାଡିଲେନି

ନୀଳଗିରି, ୨ ।୫(ପି.ଏନ): ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଖଣିଖାଦାନ ଅଞ୍ଚଳରେ ଆତଙ୍କ ଖେଳାଇ ଆସୁଥିବା ଖଣିମାଫିଆ ଏଥର ସମସ୍ତ ସୀମା ଟପିଛନ୍ତି । ଜିଲ୍ଲା ଅନ୍ତର୍ଗତ ନୀଳଗିରିଠାରେ ପଥରଖାଦାନରେ ଚଢ଼ଉ କରି ଫେରୁଥିବା ବେଳେ ଗାଡି ଅଟକାଇ ଜଣେ ଖଣି ଅଧିକାରୀଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି । ଗାଡି ଡ୍ରାଇଭର ବି ବାଦ୍ ପଡିନାହାନ୍ତି । ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ କେ ?ଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଯାହାଫଳରେ ଆଜି ଏହାର ପୁନରାବୃତ୍ତି ହୋଇଥିବା କୁହାଯାଉଛି ।

ସୂଚନା ଅନୁସାରେ; କନିଷ୍ଠ ଖଣି ଅଧିକାରୀ ସମ୍ବିତ ମଣି ଆଜି ନୀଳଗିରି ଗସ୍ତରେ ଯାଇଥିଲେ । ସେ ନୀଳଗିରି ପୁଲିସ ସହାୟତାରେ ମିତ୍ରପୁର, ବେଗୁନିଆ, ମହିଷାପଟା ଓ ବାଘମରା ଅଞ୍ଚଳରେ ଥିବା ବେଆଇନ ପଥର ଖାଦାନଗୁଡିକରେ ଚ ?ଉ କରିଥିଲେ । ପରେ ରାତି ୮ଟା ସମୟରେ ବାଲେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ଫେରୁଥିବା ବେଳେ ନୀଳଗିରି ବସ୍‌ଷ୍ଟାଣ୍ଡ ନିକଟରେ ୬ ଜଣ ପଥର ମାଫିଆ ତାଙ୍କ ଗାଡିକୁ ଅଟକାଇଥିଲେ । ଗାଡି ଛିଡା ହେବା ମାତ୍ରେ ସେମାନେ ଖଣି ଅଧିକାରୀ ଶ୍ରୀ ମଣିଙ୍କୁ ଅତର୍କିତ ଆକ୍ରମଣ କରିଥିଲେ । ମିଳିମିଶି ନିସ୍ତୁକ ମାଡ ମାରିଥିଲେ । ଫଳରେ କନିଷ୍ଠ ଖଣି ଅଧିକାରୀ ଶ୍ରୀ ମଣିଙ୍କ ହାତ ସହ ଛାତି ଓ ଗୋଡରେ ଗଭୀର ଆଘାତ ଲାଗିଛି । ସେହିପରି, ମାଫିଆମାନେ ଗାଡି ଡ୍ରାଇଭର୍ ଏସ୍‌କେ ଖାଲିଦଙ୍କୁ ମଧ୍ୟ ପିଟିଥିବା ଜଣାପଡିଛି । ଏହି କାଣ୍ଡ ଘଟାଇବା ପରେ ଆକ୍ରମଣକାରୀମାନେ ଗୋଟିଏ ବୋଲେରୋ ଏବଂ ୩ଟି ବାଇକ୍‌ରେ ଚମ୍ପଟ ମାରିଥିଲେ । ଘଟଣା ସମ୍ପର୍କରେ ଥିଲା । ିକିତ୍ସାଳୟ ନେଇଥିଲା । ସେଠାରେ ଉଭୟଙ୍କର ଚିକିତ୍ସା କରାଯାଇଛି । ଅନ୍ୟପଟେ କନିଷ୍ଠ ଖଣି ଅଧିକାରୀ ଶ୍ରୀ ମଣି ଏ ନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ଆକ୍ରମଣକାରୀ ମାଫିଆମାନଙ୍କୁ ଧରିବା ପାଇଁ ପୁଲିସ ଘଟଣାସ୍ଥଳ ଏବଂ ଆଖପାଖରେ ଲାଗିଥିବା ସିସିଟିଭିଗୁଡିକର ଫୁଟେଜ୍ ଯାଞ୍ଚ କରୁଛି ।

## ସାତ ଦିନର ଶିଶୁପୁତ୍ର ବିକ୍ରି ଅଭିଯୋଗ


ଫୁଲବାଣୀ (ପି.ଏନ): ୭ ଦିନର ଶିଶୁପୁତ୍ର ବିକ୍ରି ଅଭିଯୋଗ । ପୋଲିସ ସହାୟତାରେ ବିକ୍ରି ଶିଶୁପୁତ୍ରକୁ ଉଦ୍ଧାର କଲା ଚାଇଲ୍ଡ ଲାଇନ । ଏଭଳି ଅଭିଯୋଗ ଆସିଛି ଜିଲ୍ଲା ମୁଖ୍ୟାଳୟ ଫୁଲବାଣୀ ଦଧିବାବନ ସାହିରୁ । ଜଣେ ମହିଳା ବିବାହର ୧୦ ବର୍ଷ ପରେ କୌଣସି ସନ୍ତାନ ନଥିବାରୁ ସେ ଅନ୍ୟଜଣେ ମହିଳାଙ୍କ ଠାରୁ ସାତ ମାସର ଶିଶୁପୁତ୍ରକୁ ନେଇଥିଲେ । ଏବେ ଶିଶୁପୁତ୍ରକୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି । ନିଜ ଇଚ୍ଛାରେ ଶିଶୁକୁ ଟେକିଦେଇଥିବା ମହିଳା ଜଣଙ୍କ କହିଥିବା ବେଳେ ମହିଳାଙ୍କର ଅଙ୍ଗନବାଡି କିମ୍ବା ମେଡିକାଲରେ ପ୍ରସବର କୌଣସି ତଥ୍ୟ ନାହିଁ । ଶିଶୁଟି କାହାର ଏ ପର୍ଯ୍ୟନ୍ତ କିଛି ସଠିକ୍ ତଥ୍ୟ ମିଳିନାହିଁ । କଣ ପାଇଁ ମହିଳା ଶିଶୁପୁତ୍ରକୁ ଜଣେ ଅଜଣା ମହିଳାକୁ ଦେଇଥିଲେ । ତାହା ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ । ଘଟଣାକୁ ସ୍ୱିକାର କରିଛନ୍ତି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ । ଚାଇଲ୍ଡ ହେଲ୍ପଲାଇନ ଓ ଫୁଲବାଣୀ ଟାଉନ ଥାନା ପୋଲିସ ଶିଶୁପୁତ୍ର ଉଦ୍ଧାର ପରେ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରିଛି । କେଉଁ ପରିସ୍ଥିତିରେ ଶିଶୁ ପୁତ୍ରକୁ ମହିଳା ଜଣଙ୍କ ଅଚିହ୍ନା ମହିଳାଙ୍କୁ ଦେଇଥିଲେ ତାହା ଉପରେ ପଚାର ଉଚରା ଜାରି ରହିଛି । ନାବାଳିକା ଗର୍ଭବତୀ କୁହନ୍ତୁ ବା ନାରୀ ନିର୍ଯାତନା କୁହନ୍ତୁ ଦିନକୁ ଦିନ ଏପରି ଘଟଣା ବଢ଼ିଚାଲିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଜିଲ୍ଲା ମୁଖ୍ୟାଳୟ ଫୁଲବାଣୀର ଦଧିବାବନ୍ ସାହିରେ ।

## ଘରେ ପଶି ଯୁବତୀଙ୍କୁ ଛୁରା ମାଡ଼, ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି



ଗଞ୍ଜାମ, ୨ ।୫(ପି.ଏନ): ଗଞ୍ଜାମରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ । କଥା କଥାକେ ବୁଲୁଛି ଖଣ୍ଡା । ଫୁଟୁଛି ଗୁଳି । ନିମଖଣ୍ଡି ଥାନା ବ୍ୟାଙ୍କ କଲୋନିରେ ଜଣେ ଯୁବତୀଙ୍କୁ ଛୁରା ମାଡ଼ ହୋଇଥିବା ଅଭିଯୋଗ ହୋଇଛି । ଯୁବତୀ ଜଣକ ହେଲେ ଅଲକା ମହାକୁଡ଼ । ଘରେ ପଶି ତାଙ୍କ ଉପରେ ଆକ୍ରମଣ ହୋଇଛି । ଅଭିଯୁକ୍ତକୁ ଗିରଫ କରାଯାଇଛି । ଗତକାଲି କରାପଲ୍ଲୀରେ ନାବାଳିକାକୁ ହତ୍ୟା ହୋଇଥିବା ବେଳେ ଆଜି ଜଣେ ଯୁବତୀଙ୍କୁ ହତ୍ୟା ଉଦ୍ୟମ ହୋଇଛି । ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତିକରାଯାଇଛି ।

## ପୁଅଙ୍କଠୁ ମାଟ୍ରିକ ରେଜଲ୍ଟରେ ଟପିଗଲେ ଝିଅ



ଭୁବନେଶ୍ୱର, ୨ ।୫(ପି.ଏନ): ପ୍ରକାଶ ପାଇଲା ମାଟ୍ରିକ ପରୀକ୍ଷା ଫଳାଫଳ । ଅପରାହ୍ନ ୪ଟାରେ ମାଟ୍ରିକ୍ ରେଜଲ୍ଟ ପ୍ରକାଶ ପାଇଲା । ରେଜଲ୍ଟ ପୁସ୍ତିକା ଉନ୍‌ମୋଚନ କଲେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଆଉ ଏହି ଚଳିତ ବର୍ଷ ମାଟ୍ରିକ ରେଜଲ୍ଟରେ ପୁଅଙ୍କ ଅପେକ୍ଷା ଝିଅ ଅଧିକ ଭଲ କରିଛନ୍ତି । ଆଉ ଉତ୍ତୀର୍ଣ୍ଣ ହୋଇଛନ୍ତି । ଯଦି ଦେଖିବା ଚଳିତ ବର୍ଷ ମୋଟ୍ ୫ ଲକ୍ଷ ୨ ହଜାର ୪୧୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଆଉ ସେମାନଙ୍କ ମଧ୍ୟରୁ ୧୮୧୨ ଜଣ ଇ୧ ଗ୍ରେଡ୍, ଇ୨ ୧୨ ହଜାର ୨୦୦, ଈ୧ ୩୮ ହଜାର ୮୩୧ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଆଉ ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୪୦ ହଜାର ୨୫୧ ଜଣ ପୁଅ ପାସ୍ ହୋଇଛନ୍ତି । ହେଲେ ପୁଅମାନଙ୍କଠୁ ଆଗରେ ଅଛନ୍ତି ଝିଅ । ଚଳିତ ବର୍ଷ ୨ ଲକ୍ଷ ୪୪ ହଜାର ୬୧୨ ଝିଅ ପାସ୍ ହୋଇ ପୁଅଙ୍କଠୁ ଆଗରେ ରହିଛନ୍ତି । ଏହାସହ ପୁଅଙ୍କ ପାସ୍ ହାର ୯୪ ପ୍ରତିଶତ ଥିବାବେଳେ, ଝିଅଙ୍କ ପାସ୍ ହାର ୯୬ ପ୍ରତିଶତ ରହିଛି । ହେଲେ ଗତବର୍ଷ ଅପେକ୍ଷା ଚଳିତ ବର୍ଷରେ ପାସ୍ ହାର କମିଛି । ୧୭ ହଜାର ୩୮୪ ଜଣ ପିଲା ଫେଲ୍ ହୋଇଛନ୍ତି ।

## ଦୋଷ କରିବେ ବାବୁ, ଦଣ୍ଡ ଭୋଗିବେ ଲୋକେ !

ଭୁବନେଶ୍ୱର, ୨ ।୫(ପିଏନ): ୧୯୯୧ରେ ବରମୁଣ୍ଡା ବିଡିଏ ଡୁପ୍ଲେକ୍ସ ହାଉସିଂ କଲୋନୀରେ ୨୫୮ ପରିବାରଙ୍କୁ ଦୁଇ-ମହଲା ବିଶିଷ୍ଟ ଡୁପ୍ଲେକ୍ସ ଘର ଆବଣ୍ଟନ କରିଥିଲା ବିଡିଏ । ପ୍ରାୟ ୨୧୦୦ ବର୍ଗ ଫୁଟର ଘରକୁ ୪ ଲକ୍ଷ ୬୦ ହଜାର ଟଙ୍କାରେ ଦୀର୍ଘସୂତ୍ରରେ ଲିଜ୍ ଦେଇଥିଲା ବିଡିଏ । ଭୁବନେଶ୍ୱରରେ ସବୁ ସରକାରୀ ଜମି ସାଧାରଣ ପ୍ରଶାସନ ବା ଜିଏ ହାତରେ ରହିଛି । ୧୯୯୧ରେ ଏହି ହାଉସିଂ ପ୍ରକଳ୍ପ ପାଇଁ ବିଡିଏକୁ ପ୍ରାୟ ୨୩ ଏକର ଜମି ଦେଇଥିଲା ଜିଏ । ପରେ ଲୋକେ ଜାଣିଲେ ହାଉସିଂ ପ୍ରକଳ୍ପ ପାଇଁ ଜିଏଠାରୁ ବିଡିଏ ପାଇଥିବା ଜମିରୁ ପ୍ରାୟ ୧୩ ଏକର ଜମି ରାଜସ୍ୱ ଜଙ୍ଗଲ ଜମି କିସମର । ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟ ପାଇଁ ବ୍ୟବହାର କଲାବେଳେ ଅର୍ଥାତ୍ କିସମ ପରିବର୍ତ୍ତନ ବା ଡାଇଭର୍ସନ କଲାବେଳେ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦କୁ ପାଳନ କରିବା କଥା । ରାଜ୍ୟର ଅନ୍ୟ ଜଙ୍ଗଲ ଜମି ପାଖରେ ସମପରିମାଣର ଅଣଜଙ୍ଗଲ ଜମି କିମ୍ବା ଦୁଇ ଗୁଣ କ୍ଷୟପ୍ରାପ୍ତ ଜଙ୍ଗଲ ବା ଡିଗ୍ରେଡେଡ୍ ଫରେଷ୍ଟ ଜମି ଦେବା କଥା । ପ୍ରକଳ୍ପ ପାଇଁ ନିଆଯାଉଥିବା ଜମିରେ ରହିଥିବା ଛୋଟ ଜଙ୍ଗଲର ମୂଲ୍ୟ-ଘଟଠ ବା ନେଟ୍ ପ୍ରେଜେଣ୍ଟ ଭ୍ୟାଲୁ ଜମା କରିବା କଥା । ବନୀକରଣ ଖର୍ଚ୍ଚ ବି ଜଙ୍ଗଲ ବିଭାଗ ବା ଡିଏଫଓଙ୍କ ପାଖରେ ଜମା କରିବା କଥା । ଯାହାକି କାମ୍ପା ଫଣ୍ଡରେ ଜମା ରୁହେ । ମାତ୍ର ବରମୁଣ୍ଡା ହାଉସିଂ ପ୍ରକଳ୍ପ ପାଇଁ ଏ ସବୁ କରିନଥିଲେ ଜିଏର କିଛି ଅଫିସର । ସେ ସବୁ କରିନଥିବା ଅଫିସରଙ୍କ ବିରୋଧରେ ରାଜ୍ୟ ସରକାର କ'ଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି, ତାହା ସେପ୍‌ଟେମ୍ବର ୨୩, ୨୦୨୨ରେ ଜାଣିବାକୁ ଚାହିଁଥିଲେ କେନ୍ଦ୍ର ଜଙ୍ଗଲ ପରିବେଶ ମନ୍ତ୍ରଣାଳୟର ଡିଆଇଜି ? ମାତ୍ର ୩ ବର୍ଷ ପରେ ବି ଜିଏ କିମ୍ବା ବିଡିଏର ସେ ସମୟର ଅଧିକାରୀଙ୍କ ବିରୋଧରେ ବିଭାଗୀୟ ଓ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ । କେବଳ ଭୁବନେଶ୍ୱରର ବରମୁଣ୍ଡା ନୁହେଁ, ସହରର ଅନେକ ଅଂଚଳ ଯେମିତିକି- ଘାଟିକିଆ, ଭରତପୁର, ଚନ୍ଦ୍ରଶେଖରପୁର ଅଂଚଳରେ ଅନେକ ଲୋକଙ୍କୁ ଜମି ଆବଣ୍ଟନ କରିଛି ଜିଏ ବା ସାଧାରଣ ପ୍ରଶାସନ ବିଭାଗ । ତାହାକୁ ଆବଣ୍ଟନ ପୂର୍ବରୁ ଏହା ଜଙ୍ଗଲ ଜମି ଅଛି କି ନାହିଁ ତାହା ତଦାରଖ କରିନାହିଁ । ମାର୍ଚ୍ଚ ୧୦ ତାରିଖରେ ବିଧାୟିକା ମନୋରମା ମହାନ୍ତିଙ୍କ ପ୍ରଶ୍ନର ଉତ୍ତରରେ ସାଧାରଣ ପ୍ରଶାସନ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦେଇଥିବା ଉତ୍ତରରୁ ଆଶ୍ଚର୍ଯ୍ୟଜନକ କଥା ଦେଖିବାକୁ ମିଳିଛି । ଅନେକ ଲୋକଙ୍କୁ ଜିଏ ବିଭାଗ ପ୍ଲଟ୍ ଦେବା ପରେ ଯାଇ ଏହା ଜଙ୍ଗଲ ଜମି ଥିବା ଜାଣିପାରିଛି । ଉପଯୁକ୍ତ ପଦ୍ଧତି ଅବଲମ୍ବନ ନ କରି ଜଙ୍ଗଲ ଜମି ଆବଣ୍ଟନ କରାଯାଇଥିବାରୁ ତାହାକୁ ବାତିଲ କରି ତା' ବଦଳରେ ଅନ୍ୟ ଏକ ପ୍ଲଟ ଦେଇଛି । ସାଧାରଣ ବିଲଡର ଜମିର କିସମ ଚିହ୍ନଟ କରିନପାରି ବିଲଡିଂ କଲେ, ଦଣ୍ଡିତ ହେଉଥିବାବେଳେ ସରକାରୀ ସଂସ୍ଥାଗୁଡିକରେ କାମ କରି ଭୁଲ୍ କରିଥିବା ବାବୁଙ୍କୁ କାହିଁକି ଦଣ୍ଡ ଦିଆଯାଉନାହିଁ, ପ୍ରଶ୍ନ କରିଛନ୍ତି ବରମୁଣ୍ଡା ବିଡିଏ ଡୁପ୍ଲେକ୍ସ ବାସିନ୍ଦା ତଥା ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ । ଅନ୍ୟ ପଟରେ ଅଫିସରଙ୍କ ଭୁଲ୍ ପାଇଁ ଲୋକେ କାହିଁକି ଦଣ୍ଡ ଭୋଗିବେ ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ବାସିନ୍ଦା ସୁବାସ ଦାସ । ଏ ନେଇ ଆମେ ବିଡିଏ ଉପାଧ୍ୟକ୍ଷ ଡ. ଏନ୍ ତିରୁମାଲା ନାଏକଙ୍କ ପ୍ରତିକ୍ରିୟା ଲୋଡିଥିଲେ ସୁଦ୍ଧା ସେ କିଛି କହିନଥିଲେ ।

ଏ ନେଇ ବରିଷ୍ଠ ପରିବେଶ ଆଡଭୋକେଟ୍ ଶଙ୍କର ପାଣି କହିଛନ୍ତି, ସରକାରଙ୍କ ପାଖରେ ୧୯୯୭ରୁ କେଉଁ ଜମିର କିସମ ରାଜସ୍ୱ ଜଙ୍ଗଲ କି ବନ ବିଭାଗର ସଂରକ୍ଷିତ ଜଙ୍ଗଲ ତାହାର ସ୍ପଷ୍ଟ ତାଲିକା ରହିଛି । ଜିଲାସ୍ତରରେ କମିଟି ଗ ?ାଯାଇଛି । ତା' ପରେ ବି ଅଧିକାରୀମାନେ ଭୁଲ୍ କରୁଛନ୍ତି । ଅନ୍ୟପଟରେ ପୂର୍ବତନ ପିସିସିଏଫ୍ ଡ. ବିଜୟ କେତନ ପଟ୍ଟନାୟକ କହିଛନ୍ତି- ଯାହା ଭୁଲ୍ ହୋଇଯାଇଛି, ତାର ସୁଧାର ଅଣାଯାଇପାରିବ । ବିଡିଏ ଅନ୍ୟଠାରେ ସେତିକି ପରିମାଣର ରାଜସ୍ୱ ଜମି, ବନ ନଷ୍ଟ କରିଥିବାର କ୍ଷତିପୂରଣ ଟଙ୍କା ସହ ବନୀକରଣ ପାଇଁ ଟଙ୍କା ଦେଲେ ତାହା ନିୟମିତ ହେବ । ତେବେ ଏହା ପୂର୍ବରୁ ମନ୍ତ୍ରଣାଳୟ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିବ । ସେଥିପାଇଁ ଏହା ବିଳମ୍ବ ହେଉଥାଇପାରେ । ମାତ୍ର ଏଭୁଲ୍ ପାଇଁ ସାଧାରଣ ଲୋକ ଦଣ୍ଡିତ ହେବେ କାହିଁକି ?

## ଜଳେଶ୍ୱରରେ ପୋଲିସ ଉପରକୁ ଆକ୍ରମଣ, ୪ ଗିରଫ



ବାଲେଶ୍ୱର, ୨ ।୫(ପି.ଏନ): ଜଳେଶ୍ୱରରେ ପୋଲିସ ଉପରକୁ ଆକ୍ରମଣ । ଜଳେଶ୍ୱର ଥାନା ଝଓ ଓ ମହିଳା କନଷ୍ଟେବଲଙ୍କୁ ଆକ୍ରମଣ କଲେ ବେଆଇନ ଚାନ୍ଦା ଆଦାୟକାରୀ । ଘଏ-୬୦ ଶାନ୍ତିଆ ନିକଟରେ ବେଆଇନ ଚାନ୍ଦା ଆଦାୟ ହେଉଥିବା ନେଇ ଅଭିଯୋଗ ହୋଇଥିଲା । ସୂଚନା ଅନୁଯାୟୀ, ଜଣେ ଟ୍ରକ ଡ୍ରାଇଭର ଗାଡି ରଖି ଚା ପିଇବାକୁ ଯାଇଥିବାବେଳେ କିଛି ଯୁବକ ଟ୍ରକ ହେଲ୍ପର ଓ ଡ୍ରାଇଭରଙ୍କୁ ଘେରି ଦାଦାବଟି ମାଗୁଥିଲେ । ଟଙ୍କା ନଦେବାରୁ ଡ୍ରାଇଭରଙ୍କୁ ନିସ୍ତୁକ ମାଡ଼ ମାରିଥିଲେ । ଏନେଇ ଡ୍ରାଇଭର ଜଣକ ପୋଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ଜଳେଶ୍ୱର ଥାନା ଝଓ ସୃଷ୍ଟିଧର ବେହେରା ଓ ଜଣେ ମହିଳା କନଷ୍ଟେବଳ ପହଞ୍ଚିଥିଲେ । ସେଠାରେ ଉଭୟଙ୍କୁ ଆକ୍ରମଣ କରିଥିଲେ ବେଆଇନ ଚାନ୍ଦା ଆଦାୟକାରୀ । ଘଟଣାରେ ୪ ଜଣଙ୍କୁ ଗିରଫ କରିଛି ଜଳେଶ୍ୱର ପୋଲିସ । ଟ୍ରକ ଡ୍ରାଇଭର ଓ ମହିଳା କନଷ୍ଟେବଲଙ୍କ ଅଭିଯୋଗ ପରେ ଘଟଣାର ଅଧିକ ତଦନ୍ତ କରୁଛି ପୋଲିସ ।





## ଟି ଟାଇମ୍

# ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

# ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିସ୍ପର୍ଶ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିସ୍ପର୍ଶ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ



ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ ‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଆସିୟୁରେ ହେଲା ବିବାହ



ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Saturday May 3 ଭୁବନେଶ୍ୱର ଶନିବାର, ୩, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ : ଲଗାତାର ୧୮ ବର୍ଷ ଧରି କିସ୍‌ର ଶତ ପ୍ରତିଶତ ସଫଳତା



ଭୁବନେଶ୍ୱର,(ପି.ଏନ): ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ସମଗ୍ର ଓଡ଼ିଶାରେ ପାସ୍ ହାର ୯୪.୯୩% ରହିଥିବା ବେଳେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ର ଫଳାଫଳ ଶତ ପ୍ରତିଶତ ହୋଇଛି । କିସ୍ ଆରମ୍ଭରୁ ଲଗାତାର ୧୮ବର୍ଷ ଧରି ଏହାର ଛାତ୍ରଛାତ୍ରୀମାନେ ମାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି । ଚଳିତ ବର୍ଷ ସ୍କୁଲ୍‌ର ମୋଟ ୧୯୦୦ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୪୧ପ୍ରତିଶତ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାକି ଛାତ୍ରଛାତ୍ରୀ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । କିସ୍ ଛାତ୍ରୀ ଖଇରାଣୀ ମାଝୀ ସର୍ବାଧିକ ୫୬୦ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି । ଏହା ସହିତ କିସ୍‌ର ସଉରା, ବଣ୍ଡା, ଜୁଆଙ୍ଗ, ଖଡ଼ିଆ, ଲୋଧା, ପାଉଡ଼ି ଭୂୟାଁ ଆଦି ଅତି ଦୁର୍ବଳ ଜନଜାତି ବର୍ଗର ୨୦୧ଜଣ ଛାତ୍ରଛାତ୍ରୀ ମଧ୍ୟ ଏଥର ଭଲ ପ୍ରଦର୍ଶନ କରିଛନ୍ତି । ଖୁସିର କଥା ଚଳିତବର୍ଷ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ରାଜ୍ୟରୁ ଆସି କିସ୍‌ରେ ପଢୁଥିବା ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ସଫଳତା ହାସଲ କରିଛନ୍ତି । କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ମାଟ୍ରିକ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ସାମନ୍ତ କହିଛନ୍ତି, କିସ୍‌ର ଏହି ଛାତ୍ରଛାତ୍ରୀମାନେ ହେଉଛନ୍ତି ଶିକ୍ଷା କ୍ଷେତ୍ରରେ ସେମାନଙ୍କ ବଂଶର ପ୍ରଥମ ପିଢ଼ି । କିସ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଓ ସମୟକୁ ସମୟ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀମାନଙ୍କ ଅକ୍ଲାନ୍ତ ପରିଶ୍ରମ ସେମାନଙ୍କ ମୂଳଦୁଆକୁ ଦୃଢ଼ କରିପାରିଛି । ସେଥିପାଇଁ ପ୍ରତିବର୍ଷ କିସ୍ ଏହି ସଫଳତା ପାଇପାରୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଏଥିପାଇଁ ଶ୍ରୀ ସାମନ୍ତ କିସ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଜିଲ୍ଲା କଂଗ୍ରେସ ତରଫରୁ ବିଜୟ ଉଛବ ପାଳିତ



ଜଗତସିଂହପୁର,(ପି ଏନ): ଭାରତ ବର୍ଷରେ ଜାତି ଭିତ୍ତିକ ଜନଗଣନା କରାଯିବା ପାଇଁ ସଂସଦରେ କଂଗ୍ରେସ ଦଳ ପକ୍ଷରୁ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ବାରମ୍ବାର ଦାବି କରିବା ଫଳରେ କେନ୍ଦ୍ର ସରକାର ଚ଼ାପର ବଶବର୍ତ୍ତୀ ହୋଇ ଜାତି ଭିତ୍ତିକ ଜନଗଣନା କରିବାକୁ ଶେଷରେ ବାଧ୍ୟ ହୋଇଛନ୍ତି । ଯାହା ବାସ୍ତବରେ ଭାରତ ବର୍ଷର କୋଟି କୋଟି ସାଧାରଣ ଜନତାଙ୍କ ସାମଗ୍ରିକ ବିକାଶରେ ଜାତି ଭିତ୍ତିକ ଜନଗଣନା ବେଶ୍ ସହାୟକ ହେବ । ଜାତି ଭିତ୍ତିକ ଜନଗଣନା ଭାରତ ବର୍ଷରେ ଲାଗୁ ହେବା କୋଟି କୋଟି ଭାରତୀୟ ଙ୍କ ବିଜୟ ଓ ଏହି ବିଜୟ କୁ କଂଗ୍ରେସ ଦଳ ବିଜୟ ଉତ୍ସବ ରୁପେ ସମଗ୍ର ଭାରତବର୍ଷରେ ପାଳନ କରୁଛି ।ଏହି ଅବସରରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ନଟବର ବାରିକ ଙ୍କ ପୌରହିତ୍ୟରେ ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ( ଟାଉନ ହଲ୍ ଛକ) ଠାରେ କଂଗ୍ରେସ କର୍ମୀ ମାନେ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିକୁଦା ଏରସମା ନିର୍ବାଚ଼ନମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ,ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଜିଲ୍ଲା ନିଖିଳ ଉତ୍କଳ ଗ୍ରାମୀଣ ଚ଼ାଷୀ ମୂଲିଆ ସଂଘ ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଳକ କଂଗ୍ରେସ ସଭାପତି ମାନସ କୁମାର ରଥ, କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡ଼ାକ୍ତର ଜଗଦାନନ୍ଦ ବେହେରା,ବରିଷ୍ଠ କଂଗ୍ରେସ ନେତା ସର୍ବେଶ୍ୱର ପଣ୍ଡା,ମହନୀ ଚ଼ରଣ ରାଉତ,ରୋହିତ କୁମାର ସେଠୀ, ରତ୍ନାକର ବିଶ୍ୱାଳ,ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚ଼ନ୍ଦ୍ର ପ୍ରଧାନ, ରୁଦ୍ର ପ୍ରସାଦ ବାରିକ,ହିଫଜୁର୍ ରହେମାନ,ସେଖ୍ ହେଦାୟତ ଅଲ୍ଲୀ, ମିର୍ଜା ସାମସୁଦ୍ଦିନ ବେଗ୍,ସଂଦିପ ସ୍ୱାଇଁ, ସୁକାନ୍ତ ମହାପାତ୍ର, ସଙ୍କରେଶ୍ୱର ଦାସ,ଉମେଶ ସ୍ୱାଇଁ, ଇଶ୍ୱର କୁମାର ସ୍ୱାଇଁ, ରବି ଦାସ, ପ୍ରଣବ ମହାପାତ୍ର,ତ୍ରିପୁରେଶ୍ୱର ମଲ୍ଲିକ, ଅମିତ୍ ଖୁଣ୍ଟିଆ, ଅଲେଖ ଚ଼ରଣ ରଣା,ମିଳନ ମହାରଣା,ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଅବନୀକାନ୍ତ ମହାରଣା,ରବିନ୍ଦ୍ର ମଲ୍ଲିକ, ଅତୁଲ୍ୟ ବିଶ୍ୱାଳ,ଫରାସଦ ଖାଁ,ଆବିଦ୍ ସାହା, ବିଶ୍ୱଜିତ ଦାସ, ରାଜେନ୍ଦ୍ର ସ୍ୱାଇଁ, ଦିପକ ପାଲ,ଟୁଲା ଦାସ, ରୁଦ୍ର ନାରାୟଣ ବେହେରା,ଦେବ ପ୍ରସାଦ ମହାପାତ୍ର, ଆଲୋକ ବସ୍ତିଆ,ଅଜୟ ମହାପାତ୍ର, ସରୋଜ ମହାପାତ୍ର, ରାହାସ ବିହାରି ସାହୁ ପ୍ରମୁଖ ଯୋଗଦେଇ ବାଜା ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ ।

## ଜାତି ଭି  ିକ ଜନଗଣନା ପ୍ରସଙ୍ଗ : ରାହୁଲଗାନ୍ଧୀଙ୍କ ପାଇଁ ବିଜୟ ଉତ୍ସବ ପାଳିଲା ଜିଲ୍ଲା କଂଗ୍ରେସ



କେନ୍ଦ୍ରାପଡ଼ା,(ପି.ଏନ): ସଂସଦରେ ଜାତି ଭି□କ ଜନଗଣନା ପାଇଁ କଂଗ୍ରେସ ସାଂସଦ ତଥା ବିରୋଧୀଦଳନେତା ରାହୁଲ ଗାନ୍ଧୀ ଯେଉଁ ଦାବି କରିଥିଲେ ତାହା ପୂରଣ ହୋଇଥିବାରୁ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ବିଜୟ ଦିବସ ପାଳନ କରାଯାଇଛି । ସହରର କଜଳାସ୍ଥିତ ଜିଲ୍ଲା କଂଗ୍ରେସ ଭବନରେ ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ କଂଗ୍ରେସ ନେତାମାନେ କହିଲେ ଜାତି ଭି□କ ଜନଗଣନା ହେବା ଦ୍ୱାରା ଦେଶର ସମସ୍ତ ନାଗରିକ ଉଚିତ ନ୍ୟାୟ ପାଇପାରିବେ । ଏହାଦ୍ୱାରା ଜାତି ଭି□କ ଜାଲିଆତି ରୋକାଯାଇ ପାରିବ । ଫଳରେ ଜାଲିଆତି କରି ସରକାରୀ ଚାକିରି ହାତେଇବା ଏଣିକି ଆଉ ସହଜ ହେବ ନାହିଁ । ଫଳରେ ଜାତି ଭି□ରେ ଚାକିରି ଆଶାୟୀ ଯୁବକ ଓ ଯୁବତୀମାନେ ନ୍ୟାୟ ପାଇପାରିବେ । ଜାତି ଭି□କ ଜନଗଣନା ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସଂସଦରେ ବହୁ ବାର ଦାବି କରିଥିଲେ । ଏହି ଦାବି ନ୍ୟାଯ୍ୟ ଦାବି ଥିଲା । ତେଣୁ କେନ୍ଦ୍ର ସରକାର ଏହି ନ୍ୟାଯ୍ୟ ଦାବିକୁ ଅଗ୍ରାଧିକାର ଦେଇ ଦେଶରେ ଜାତି ଭି□କ ଜନଗଣନା ହେବ ବୋଲି ନିଷ୍ପ□ ନେଇଛନ୍ତି ବୋଲି କଂଗ୍ରେସ ନେତାମାନେ କହିଛନ୍ତି । ସାରାରାଜ୍ୟରେ ବିଜୟ ଦିବସ ପାଳନ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ନିର୍ଦ୍ଦେଶ ଦେଇଥିବା କଂଗ୍ରେସ ନେତାମାନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ପ୍ରଦିପ କୁମାର ମହାନ୍ତି, ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ମହାକାଳପଡାର ବିଭ୍ରାଂଶୁଶେଖର ଲେଙ୍କା, ଫକୀର ଚରଣ ଖଟୁଆ, ନଳିନୀବିହାରୀ ମହାନ୍ତି, ଭାଗିରଥୀ ଜେନା, ଜ୍ୟୋତିରଞ୍ଜନ ପରିଡା, ମାନଗୋବିନ୍ଦ ଦାସ, ରତିକାନ୍ତ ବେହୁରା, ରାଜୀବଲୋଚନ ମିଶ୍ର, ହରିଶ ପଟ୍ଟନାୟକ, ରାକେଶ ଦାସ, ଗୋଲେଖ ସ୍ୱାଇଁ ପ୍ରମୁଖ ନେତା ଓ କର୍ମୀମାନେ ସାମିଲହୋଇ ବାଜା ବଜାଇ, ବାଣ ଫୁଟାଇ ପରସ୍ପରକୁ ମିଠା ଖୁଆଇ ବିଜୟ ଉତ୍ସବ ପାଳନ କରିଥିଲେ ।

## ଦୁଇ ବର୍ଷ ମଧ୍ୟରେ ଆରମ୍ଭ ହେବ ସେମିକଣ୍ଡକ୍ଟର ଉତ୍ପାଦନ: ଆଇଟି ମନ୍ତ୍ରୀ




ଭୁବନେଶ୍ୱର,(ପି.ଏନ): ନିବେଶକଙ୍କ ପାଇଁ ଉନ୍ନତ ନୀତି ପ୍ରଣୟନ ପାଇଁ ଜଣାଶୁଣା ଓଡ଼ିଶାରେ ଆଗାମୀ କିଛି ବର୍ଷ ମଧ୍ୟରେ ସେମିକଣ୍ଡକ୍ଟର ଉତ୍ପାଦନ ଆରମ୍ଭ ହେବ ବୋଲି ରାଜ୍ୟ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି । 'ଫ୍ରମ ଟେମ୍ପଲ ଟୁ ଟେକ' ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଡିଜିଟାଲ୍ ଭିତିଭୂମି, ଦକ୍ଷତା ବିକାଶ ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ଓଡ଼ିଶା ବହୁତ ଭଲ ସ୍ଥିତିରେ ରହିଛି । ରାଜ୍ୟରେ ଅଗ୍ରଣୀ ଆଇଟି କଂପାନିଗୁଡ଼ିକ ସେମାନଙ୍କ କେନ୍ଦ୍ର ସ୍ଥାପନ କରିଛନ୍ତି । ଆଇଟି କଂପାନିଗୁଡ଼ିକୁ ଓଡ଼ିଶାରେ ପୁିନିବେଶ ପାଇଁ ଆମନ୍ତ୍ରଣ କରିବା ସହ ସେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଆଇଟି କ୍ଷେତ୍ରର ନିବେଶକଙ୍କ ସୁବିଧା ପାଇଁ ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ସପୋର୍ଟ ସେଲ୍ ମଧ୍ୟ ସହାୟତା କରିବ ବୋଲି ସେ ସୂଚନା ଦେଇଛନ୍ତି । ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଏବଂ ଆଇଟି ସେବା କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱସ୍ତରୀୟ ହବ୍ ଭାବେ ଉଭା କରିବା ପାଇଁ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ (ଇଆଣ୍ଡଆଇଟି) ଇଲେକ୍ଟ୍ରୋନିକ୍ସ ଓ କମ୍ପ୍ୟୁଟର ସଫ୍ଟୱେର ରପ୍ତାନି ପ୍ରୋତ୍ସାହନ ପରିଷଦ (ଇଏସି) ସହଯୋଗରେ ଭୁବନେଶ୍ୱର କ୍ରାଉନ ଠାରେ 'ଫ୍ରମ ଟେମ୍ପଲ ଟୁ ଟେକ' ଶିଖର ସମ୍ମିଳନୀର ସଫଳ ଆୟୋଜନ କରିଛି । ଏହି କାର୍ଯ୍ୟକ୍ରମରେ ସମଗ୍ର ଭାରତ ତଥା ବିଦେଶର ଶୀର୍ଷ ସରକାରୀ ଅଧିକାରୀ, ଶିଳ୍ପ ନେତା, ଏକାଡେମିକ ବିଶେଷଜ୍ଞ ଏବଂ ଷ୍ଟାର୍ଟଅପ୍ ମାନେ ଏକାଠି ହୋଇଥିଲେ, ଯାହା ରାଜ୍ୟକୁ ଏକ ପ୍ରଯୁକ୍ତି ଭିତିକ ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି । ଏହି ଅବସରରେ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବ ରାଜ୍ୟ ମୋଟ ଘରୋଇ ଉତ୍ପାଦ (ଜିଏସଡିପି) ପ୍ରତି ସେବା କ୍ଷେତ୍ରର ବଢୁଥିବା ଅବଦାନ ଏବଂ ଆଗାମୀ ଦିନରେ ଏହାର ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ । ରାଜ୍ୟର ଆଇଟି ନୀତି ଓ ସେମିକଣ୍ଡକ୍ଟର ନୀତିରେ ନିବେଶକଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ଓ ପ୍ରୋତ୍ସାହନ ସମ୍ପର୍କରେ ସେ କହିଥିଲେ । ଶିଳ୍ପକୁ ଓଡ଼ିଶା ସରକାର ଯେଉଁ ପ୍ରୋତ୍ସାହନ ଦେଉଛନ୍ତି ତାହା ଦେଶର ଶ୍ରେଷ୍ଠ ବୋଲି ସେ କହିଛନ୍ତି ।ଏହି ଅବସରରେ ଭାରତ ସରକାରଙ୍କ ଯୁଗ୍ମ ସଚିବ ମନୀଷ ଚଢା ଦେଶର ହାର୍ଡୱେର ଉତ୍ପାଦନର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି କହିଥିଲେ ଯେ କିଛି ବର୍ଷ ତଳେ ଏହାକୁ ନେଇ ଅନେକ ଚ୍ୟାଲେ ଥିଲା । କିଁ କେନ୍ଦ୍ର ସରକାର ଆକର୍ଷଣୀୟ ନୀତି ଆଣିବା ପରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଭାରତ ଯଥେଷ୍ଟ ଅଗ୍ରଗତି କରିଛି । ଭାରତରେ ବ୍ୟବହୃତ ହେଉଥିବା ୯୯ ପ୍ରତିଶତ ମୋବାଇଲ ଫୋନ୍ ଦେଶ ଭିତରେ ନିର୍ମିତ । ସ୍ମାର୍ଟଫୋନ୍ ଉତ୍ପାଦନ କ୍ଷେତ୍ରରେ ଭାରତର ଅବଦାନ କ୍ରମାଗତ ଭାବେ ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି । ଏହି ଅବସରରେ ଇଏସସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗୁରମିତ୍ ସିଂହ, ଅଧ୍ୟକ୍ଷ (ଗ୍ଲୋବାଲ୍ ଆଉଟରିଚ) ସନ୍ଦୀପ ନରୁଲା, ଇଏସସି ଅଧ୍ୟକ୍ଷ ବୀର ସାଗର ଓ ଇଏସସି (ଇଷ୍ଟର୍ଣ୍ଣ) ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ । ଇଏସସି ଦ୍ୱାରା ଓଡ଼ିଶା ଶିଳ୍ପ ସମର୍ଥନ ସେଲ୍‌ର ଶୁଭାରମ୍ଭ ଏହାର ପ୍ରମୁଖ ଆକର୍ଷଣ ଥିଲା ଯାହାର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ଉଦ୍ୟୋଗଗୁଡିକ ପାଇଁ ରପ୍ତାନି ମାର୍ଗଦର୍ଶନ, ବିଶ୍ୱ ବଜାର ପ୍ରବେଶ, ପରାମର୍ଶ ଏବଂ ମାନକ ଅନୁପାଳନ ସହାୟତା ପ୍ରଦାନ କରିବା । ଏହି କାର୍ଯ୍ୟକ୍ରମରେ 'ଭାରତ ଓ ଓଡ଼ିଶାରୁ ଇଲେକ୍ଟ୍ରୋନିକ୍ସ ଏବଂ ସଫ୍ଟୱେର ଏକ୍ସପୋର୍ଟ' ଶୀର୍ଷକ ଏକ ଶ୍ୱେତପତ୍ର ଉନ୍ମୋଚନ କରାଯାଇଥିଲା, ଯେଉଁଥିରେ ରାଜ୍ୟର ରପ୍ତାନି କ୍ଷମତା ବୃଦ୍ଧି ପାଇଁ ତଥ୍ୟ ଭିତିକ ରୋଡ୍ ମ୍ୟାପ୍ ପ୍ରଦାନ କରାଯାଇଥିଲା । ଏହାବ୍ୟତୀତ ଶିଳ୍ପ-ଶିକ୍ଷା ସହଯୋଗ ଓ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଇଏସସି ଏବଂ ଆଇଆଇଟି ଭୁବନେଶ୍ୱର, ଆଇଆଇଆଇଟି ଭୁବନେଶ୍ୱର, ଓୟୁଟିଆର, ବିପିୟୁଟି, ଭିଏସ୍ଏସୟୁଟି ଏବଂ ୱାର୍ଲ୍ଡ ଟ୍ରେଡ୍ ସେଂଟର ଭୁବନେଶ୍ୱର ସମେତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଧ୍ୟରେ ୬ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ସମ୍ମିଳନୀରେ ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ଏବଂ ସିଏକ୍ସଓଙ୍କ ସହ ଏକ ଖୋଲା ଗୃହ ମାଧ୍ୟମରେ ପ୍ରଭାବଶାଳୀ ଆଲୋଚନା ସହିତ ଦୁଇଟି ବୁଝାମଣାପୂର୍ଣ୍ଣ ପ୍ୟାନେଲ୍ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଗୋଟିଏ ହାର୍ଡୱେର ଇନୋଭେସନ୍ ମାଧ୍ୟମରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ବଢ଼ାଇବା ଉପରେ ଗୁରୁତ୍ୱ ଦେଉଥିବା ବେଳେ ଅନ୍ୟଟି ଓଡ଼ିଶାକୁ ଏକ ବୈଷୟିକ ଓ ପ୍ରତିଭା ଶକ୍ତିରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଛି । ଆଟଲାଂଟା ସିଷ୍ଟମ, ଇନଫୋପାୱାର ଟେକ୍, ଆର୍ନଷ୍ଟ ଆଣ୍ଡ ୟଙ୍ଗ, ଏମଇଆଇଟିୱାଇ, ଇଏସଏସସିଆଇ ଏବଂ ଗ୍ଲୋବାଲ ଆକ୍ସିଲେଟର ପ୍ଲଗ୍ ଆଣ୍ଡ ପ୍ଲେର ପ୍ରତିନିଧିମାନେ ମୂଲ୍ୟବାନ ଦୃଷ୍ଟିକୋଣ ପ୍ରଦାନ କରିଥିଲେ । ସରକାରୀ ଇ-ମାର୍କେଟପ୍ଲେସ୍ (ଜିଇଏମ୍)ର ଡେପୁଟି ସିଇଓ ଶ୍ରୀ ମନୋଜ କୁମାର ସରକାରୀ କ୍ରୟ ପାଇଁ ଜିଇଏମ୍ ର ଉପଯୋଗ କରିବା ପାଇଁ ଏମଏସଏମଇ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଏକ ଷ୍ଟାର୍ଟଅପ୍ ପ୍ରଦର୍ଶନୀରେ ଓଡ଼ିଶାର ୧୦ଟି ଉଚ୍ଚ ସମ୍ଭାବ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ଷ୍ଟାର୍ଟଅପ୍ ଉପରେ ଆଲୋକପାତ କରାଯାଇ ନିବେଶକ ଓ ପରାମର୍ଶଦାତାଙ୍କ ନିକଟରେ ଅଭିନବ ସମାଧାନ ଉପସ୍ଥାପନ କରାଯାଇ ରାଜ୍ୟର ବୃଦ୍ଧି ପାଉଥିବା ଗଭୀର ଜ୍ଞାନକୌଶଳ ପରିବେଶକୁ ଆହୁରି ସୁଦୃଢ଼ କରାଯାଇଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray